# ନ୍ୟାୟପାଳିକାରେ ଭିତରୁ ପ୍ରତିବାଦ

**ବୀରେନ୍ଦ୍ର ନାୟକ**

ଜାନୁଆରୀ ୧୨ତାରିଖ ଦିନ ପ୍ରଥମାର୍ଦ୍ଧରେ ଏକ ଅଭୂତପୂର୍ବ ଘଟଣା ଘଟିଲା । ବରିଷ୍ଠତାରେ ପ୍ରଥମ ଚାରିଜଣ କାର୍ଯ୍ୟରତ ସୁପ୍ରିମକୋର୍ଟର ବିଚାରପତି, ମାନ୍ୟବର ଜେ ଚେଲମେଶ୍ୱର, ରଂଜନ ଗୋଗୋଇ, ମଦନ ଲୋକୁର ଓ କୁରିଆନ୍ ଜୋସେଫ୍ ଏକ ସାମ୍ବାଦିକ ସମ୍ମିଳନୀ ଡକାଇ ଜଣାଇଲେ ଯେ ସର୍ବୋଚ୍ଚ ନ୍ୟାୟାଳୟରେ ସବୁ ଠିକ ଠାକ ଚାଲିନାହିଁ ଓ ଏହା ଯଦି ସେମାନେ ଜନତାଙ୍କୁ ନ ଜଣାନ୍ତି ତାହାହେଲେ କୋଡ଼ିଏ ବର୍ଷ ପରେ ଆଗାମୀ ବଂଶଧର ତାଙ୍କୁ କ୍ଷମା ଦେବ ନାହିଁ । ସେମାନଙ୍କର ମତରେ ଯାହା ଚାଲିଛି ତାହା ଯଦି ଅବ୍ୟାହତ ରହେ ତାହାହେଲେ ଗଣତନ୍ତ୍ର ବିପନ୍ନ ହେବ । ସେମାନେ ମଧ୍ୟ ଜଣାଇଲେ ଯେ ସେମାନଙ୍କର ମତକୁ ସେମାନେ ବାରମ୍ବାର ମୁଖ୍ୟ ବିଚାରପତିଙ୍କ ଦୃଷ୍ଟିକୁ ଆଣିଛନ୍ତି, କିନ୍ତୁ ନିରାଶ ହୋଇଛନ୍ତି । ଏହାର ନଜିରସ୍ୱରୂପ ସେମାନେ ପ୍ରାୟ ଦୁଇମାସ ତଳେ ମୁଖ୍ୟ ବିଚାରପତିଙ୍କୁ ଲେଖିଥିବା ପତ୍ରଟିକୁ ସାମ୍ବାଦିକମାନଙ୍କ ମଧ୍ୟରେ ବିତରଣ କରିଥିଲେ । ଅର୍ଥାତ୍ ଅଭିଯୋଗ ଥିଲା ମୁଖ୍ୟବିଚାରପତି ମାନ୍ୟବର ଦୀପକ ମିଶ୍ରଙ୍କ ବିରୁଦ୍ଧରେ ଯାହାର ମର୍ମ ହେଉଛି ମୁଖ୍ୟବିଚାରପତି ଏହି ବରିଷ୍ଠ ବିଚାରପତିମାନଙ୍କର ମତର ଉପେକ୍ଷା କରୁଛନ୍ତି । ଅଭିଯୋଗ କଣ ଥିଲା ତାହାର ସବିଶେଷ ଆଲୋଚନା ପରେ କରାଯାଇପାରେ । କିନ୍ତୁ ଯାହା ବିତର୍କର ବିଷୟ-ତାହା ହେଉଛି କାର୍ଯ୍ୟରତ ବିଚାରପତିମାନେ ସାମ୍ବାଦିକ ସମ୍ମିଳନୀ ଡାକି ଜନତାଙ୍କ ସମ୍ମୁଖରେ ସର୍ବୋଚ୍ଚ ନ୍ୟାୟାଳୟର ଆଭ୍ୟନ୍ତରୀଣ କ୍ରିୟାକଳାପକୁ ଉନ୍ମୋଚିତ କରିବା, ବିଶେଷତଃ ମୁଖ୍ୟବିଚାରପତିଙ୍କ ବିରୁଦ୍ଧରେ ସେମାନଙ୍କର କ୍ଷୋଭକୁ ପ୍ରକାଶ୍ୟ କରିବା । କାର୍ଯ୍ୟରତ ବିଚାରପତିମାନେ ଏହା କରିବା ଠିକ ହୋଇନାହିଁ ବୋଲି କେତେ ଜଣ କହିଥିବା ବେଳେ, ଆଉ କେତେକ ଏହା ଠିକ୍ ପଦକ୍ଷେପ ବୋଲି କହୁଛନ୍ତି । ଯେଉଁମାନେ ଠିକ ନୁହେଁ ବୋଲି କହୁଛନ୍ତି ସେମାନଙ୍କର ଯୁକ୍ତି ହେଉଛି ଏହାଦ୍ୱାରା ଲୋକଙ୍କ ଭିତରେ ନ୍ୟାୟପାଳିକା ଉପରେ ବିଶ୍ୱାସ ପ୍ରଭାବିତ ହେବ, ତୁଟିଯିବ । ଯେଉଁମାନେ ଏହା ଠିକ୍ ବୋଲି କହୁଛନ୍ତି, ସେମାନେ ନ୍ୟାୟପାଳିକାର ଦୂରଗାମୀ ହିତ ଦୃଷ୍ଟିରୁ ଏହାର ଆବଶ୍ୟକତା ଥିଲାବୋଲି କହୁଛନ୍ତି; ଜନତା ଯେହେତୁ ଆମ ସମ୍ବିଧାନରେ ଶ୍ରେଷ୍ଠ ଓ ଜନତାର ଇଚ୍ଛାରେ ହିଁ ଏ ସମ୍ବିଧାନ ତା'ଉପରେ ଆରୋପିତ ହୋଇଛି ଏବଂ ନ୍ୟାୟପାଳିକା ଏହି ସମ୍ବିଧାନର ଏକ ବ୍ୟବସ୍ଥା, ତେଣୁ ନ୍ୟାୟପାଳିକାର ପରିଚାଳନାରେ ବା ଭୂମିକାରେ କୌଣସି ତ୍ରୁଟି ବିଚ୍ୟୁତିକୁ ଜନତା ସମ୍ମୁଖକୁ ଯଦି କେହି ଆଣନ୍ତି ତାହାକୁ ଅଯଥାର୍ଥ କୁହାଯାଇ ପାରିବ ନାହିଁ । ଏହି ତ୍ରୁଟି ବିଚ୍ୟୁତି ସମ୍ପର୍କରେ ନ୍ୟାୟପାଳିକାର ଭିତର ଲୋକଙ୍କଠାରୁ ଅଧିକ ସଠିକ କିଏ ବା ଜାଣିଥିବ? ତେଣୁ ସପକ୍ଷବାଦୀଙ୍କର ଯୁକ୍ତି ଯେ କାର୍ଯ୍ୟରତ ଚାରିଜଣ ବିଚାରପତି ଯାହା କରିଛନ୍ତି ତାହା ଯଥାର୍ଥ ଓ ସ୍ୱାଗତଯୋଗ୍ୟ । ଯେଉଁମାନେ ବିରୋଧ କରୁଛନ୍ତି, ତାଙ୍କର ଯୁକ୍ତି ହେଉଛି ଜନତା ଜାଣିଲେ କରିବ କ'ଣ? ସେମାନେ ତାଙ୍କର ଅଭିଯୋଗକୁ ରାଷ୍ଟ୍ରପତିଙ୍କ ପାଖକୁ ନେଇପାରିଥାନ୍ତେ । ମୋଟ କଥା ଏହା ନ୍ୟାୟପାଳିକାର ଆଭ୍ୟନ୍ତରୀଣ ସମସ୍ୟା, ଏହାକୁ ଲୋକେ ଜାଣିବାର ଆବଶ୍ୟକତା ନାହିଁ । ଏକ ଉଚ୍ଚନ୍ୟାୟାଳୟର ଜଣେ ଅବସରପ୍ରାପ୍ତ ବିଚାରପତି (ବିଚାରପତି ସୋଢ଼ି) ତ ଏହି ଚାରିଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନର ଦାବି କରନ୍ତି । ନ୍ୟାୟପାଳିକା ଯେ ଏହି ପ୍ରସଙ୍ଗ ଉପରେ ବିଭାଜିତ ଏହାକୁ ଅଣଦେଖା କରାଯାଇ ନପାରେ ।

### *ଜନତାଙ୍କ ମେଳରେ ବିଚାରପତି*

ଏହି ପ୍ରସଙ୍ଗଟିକୁ ତଳେଇ ଦେଖିଲେ ପ୍ରଶ୍ନ ହେଉଛି ଯେ କାର୍ଯ୍ୟରତ ବିଚାରପତି ବିଚାରାଳୟର କୋଠରୀ, କୋର୍ଟ ରୁମ୍, ବାହାରେ ସାଧାରଣ ଜନତା ସହ କେତେ ଦୂର ମିଳାମିଶା କରିପାରିବେ? ସ୍ମରଣ କରାଯାଇପାରେ ଯେ ଗୋଟିଏ ସମୟ ଥିଲା ଯେତେବେଳେ ବିଚାରପତିମାନେ କୌଣସି ସାଧାରଣ ସଭା ସମିତି ଏପରିକି ଶିକ୍ଷାନୁଷ୍ଠାନରେ କୌଣସି ସମ୍ମାନ ବା ସେମିନାରରେ ପୌରହିତ୍ୟ କରିବା ପାଇଁ ଆସୁ ନଥିଲେ । ଡକ୍ଟର ଶ୍ରୀରାମ ଚନ୍ଦ୍ର ଦାଶ, ରାଜନୀତି ବିଜ୍ଞାନ ଶିକ୍ଷାଜଗତରେ ପ୍ରବାଦ ପୁରୁଷ ଓ ଉଚ୍ଚନ୍ୟାୟାଳୟର ଲବ୍ଧପ୍ରତିଷ୍ଠ ଅଧିବକ୍ତା, ତାଙ୍କ ଛାତ୍ର ଜୀବନର ଏକ ଅଭିଜ୍ଞତାର ନଜିର ଦେଇ ତାଙ୍କ ଆତ୍ମଜୀବନୀ 'ମୋ ଅକୁହା କାହାଣୀ' (କଟକ ଷ୍ଟୁଡେ ଷ୍ଟୋର, ୨ୟ

ସଂସ୍କରଣ, ୨୦୦୩, ପୃ ୬୪-୬୫) ରେ ଲେଖନ୍ତି, "ମୁଁ ଷଷ୍ଠବାର୍ଷିକ ଶ୍ରେଣୀରେ ପାଟନା କଲେଜରେ ଚାଣକ୍ୟ ସୋସାଇଟି ନାମରେ ନାମିତ ଅର୍ଥନୀତି ସଂସଦର ସମ୍ପାଦକ ନିର୍ବାଚିତ ହୋଇଥିଲି । ଏହା ମୋ ପକ୍ଷରେ ଗୋଟିଏ ଗୌରବଜନକ ପଦବୀ ଥିଲା । ଏଇଥି ଯୋଗୁଁ ମୁଁ ବହୁତ ପ୍ରଖ୍ୟାତ ଲୋକଙ୍କ ସଂସର୍ଗ ଲାଭ କରିଥିଲି । ୧୯୪୨ରେ ବାର୍ଷିକ ଉତ୍ସବ କରିବା ଲାଗି ମୁଁ ମୁରତାଜଙ୍କ ପିତା ସାର୍ ସୟଦ୍ ଫଜଲ ଅଲ୍ଲୀଙ୍କ ନିକଟକୁ ଯାଇଥିଲି । ସେ କଲେଜଠାରୁ ପ୍ରାୟ ଛଅମାଇଲ ଦୂରରେ ଗର୍ଦ୍ଧନିବାଗରେ ରହୁଥିଲେ । ମୁରତାଜା କଲେଜକୁ ଗାଡିରେ ଆସୁଥିବାରୁ ମୁଁ ତାହାର ସୁବିଧା ନେଇ ତାଙ୍କ ଘରକୁ ଯାଇଥିଲି । ସାର୍ ସୟଦ ମୋ ଅନୁରୋଧ ଶୁଣି ଟେବୁଲ ଭିତରୁ ପାଟନା ଉଚ୍ଚନ୍ୟାୟାଳୟର ମୁଖ୍ୟନ୍ୟାଧୀଶ ସାର୍ କୋଟନି ଟେରେଲଙ୍କ ଗୋଟିଏ ହୁକୁମନାମା ଦେଖାଇଲେ । ସେଥିରେ ଥିଲା "କିଏ କେଉଁ ଦିନ ବାଦୀ ବା ପ୍ରତିବାଦୀ ଭାବରେ ଆମ ଆଗରେ ଠିଆ ହେବ ତାହା ଜଣା ନାହିଁ ; ତେଣୁ ମୁଁ ନ୍ୟାୟାଧୀଶମାନଙ୍କୁ ପରାମର୍ଶ ଦେଉଛି ଯେ ସେମାନେ ଜନସମ୍ପର୍କ ପ୍ରତିଷ୍ଠା ନ କରନ୍ତୁ । କୌଣସି ସଭାସମିତି ବା ସାମାଜିକ ମେଳଣରେ ଯୋଗ ନ ଦିଅନ୍ତୁ ଏବଂ ସାଧାରଣ ଲୋକଙ୍କ ସହିତ ନ ମିଶନ୍ତୁ ।" ଏହା ପରେ ସେ ମୋ ନିମନ୍ତ୍ରଣ ରକ୍ଷା କରନ୍ତେ କିପରି ? ଏହି ନିର୍ଦ୍ଦେଶନାମା ସମସ୍ତେ ପାଳନ କରୁଛନ୍ତି କି ନାହିଁ, ଏହା ପରୀକ୍ଷା କରିବା ଲାଗି ମୁଁ ଅନ୍ୟତମ ନ୍ୟାୟାଧୀଶ ଶ୍ରୀଯୁକ୍ତ ଏସ୍ ବି ଧାବଲେ ଓ ଶ୍ରୀଯୁକ୍ତ କ୍ଲିଫର୍ଡ ମନମୋହନ ଅଗ୍ରୱାଲାଙ୍କ ବାସଭବନକୁ ଯାଇଥିଲି । ସେମାନେ ଠିକ ଏହା ହିଁ କହିଥିଲେ ।" ଏବେ ତ କାର୍ଯ୍ୟରତ ବିଚାରପତିମାନେ ବିଭିନ୍ନ ସଭାସମିତିକୁ ଆସିବା ଏକ ନିୟମିତ ଦୃଶ୍ୟ ହୋଇଗଲାଣି । ବିଶ୍ୱବିଦ୍ୟାଳୟମାନେ ସେମାନଙ୍କୁ ସମ୍ମାନଜନକ ଡକ୍ଟରେଟ ଦେବା ପାଇଁ ନିଷ୍ପତ୍ତି ନେବାରେ ସମାନ୍ୟ ସଂକୁଚିତ ହେଉନାହାନ୍ତି । ନ୍ୟାୟପାଳିକକୁ ଲୋକାଭିମୁଖୀ କରାଯିବାର ଆଳରେ ବିଚାରପତି ଓ ସାଧାରଣ ଜନତା ଭିତରେ ଦୂରତା କମାଇବା ଯଥାର୍ଥ ବୋଲି କୁହାଗଲା । ବିଚାରପତିମାନେ ମଧ୍ୟ ବିଭିନ୍ନ ସାଧାରଣ କାର୍ଯ୍ୟକ୍ରମରେ ଯୋଗଦେବାର ପ୍ରବଣତା ଦେଖାଇଲେ । ଅନୁଷ୍ଠାନମାନେ ସେମାନଙ୍କୁ ନିଜ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଆଉ ସଂକୁଚିତ ହେଲେନାହିଁ । ଯେତେବେଳେ ଏହିଭଳି ପରିବର୍ତ୍ତନ ହେଉଥିଲା, ଗତ ଶତାବ୍ଦୀର ଅଶି ଦଶକରେ, ସେତେବେଳେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ପ୍ରଧାନ ବିଚାରପତି ଗତିକୃଷ୍ଣ ମିଶ୍ର (୧ନଭେମ୍ବର ୧୯୧୩-୬ ଜୁଲାଇ ୨୦୦୯) ଏକ ପ୍ରବନ୍ଧରେ (Cuttack Law Times, vol.67(1989),p.30) , ଓଡିଶା ହାଇକୋର୍ଟର ତିନିଜଣ ବିଚାରପତି (ଶ୍ରୀଯୁକ୍ତ ଯଜ୍ଞେଶ୍ୱର ଦାଶ, ଶ୍ରୀଯୁକ୍ତ ଜୀବନମୋହନ ମହାପାତ୍ର ଓ ଶ୍ରୀଯୁକ୍ତ ଅରିଜୀତ ପଶାୟତ)ଙ୍କୁ ଓଡ଼ିଶା ଫେଡେରେସନ୍ ଅଫ ଇଣ୍ଡଷ୍ଟ୍ରି ସମ୍ବର୍ଦ୍ଧନାର ପ୍ରତିକ୍ରିୟାରେ ଲେଖିଥିଲେ, "ଶିଳ୍ପପତିମାନଙ୍କ ଦ୍ୱାରା ଏପରି ସମ୍ବର୍ଦ୍ଧନା ଦିଆଯିବା ଓଡ଼ିଶା ବିଚାର ବିଭାଗୀୟ ଇତିହାସରେ ପ୍ରଥମ ଘଟଣା । ଏହି ଶିଳ୍ପପତିମାନଙ୍କ ମଧ୍ୟରୁ ଅନେକ ବିଭିନ୍ନ ରାଜନୈତିକ ଦଳ ସହିତ ସମ୍ପୃକ୍ତ ହୋଇପାରିଥାନ୍ତି । ବିଚାରପତିମାନଙ୍କର ଏଭଳି ସମ୍ବର୍ଦ୍ଧନା ଗ୍ରହଣ କରିବା ବିଚାର ପରିଚାଳନାରେ ସୁଦୂରପ୍ରସାରୀ ପରିଣତି ଘଟାଇପାରେ ଏବଂ ଏହା ମଧ୍ୟ କହିହେବ ନାହିଁ ଯେ, ସେହି ଶିଳ୍ପପତିମାନଙ୍କ ମୋକଦ୍ଦମା ଭବିଷ୍ୟତରେ ଏହି ବିଚାରପତିମାନଙ୍କ ପାଖକୁ ଦିନେ ନା ଦିନେ ବିଚାରପାଇଁ ନ ଆସିବ ?" ମାନ୍ୟବର ମିଶ୍ର ଏହି ସମ୍ବର୍ଦ୍ଧନା ସଭା 'ଯେ ଆଦୌ ଗ୍ରହଣୀୟ ନୁହେଁ' ତାହା ଦର୍ଶାଇବାକୁ ଯାଇ ୧୪ଶ ଲ' କମିଶନ ଅଫ୍ ଇଣ୍ଡିଆ, ୧୯୫୮ରେ ପ୍ରକଟିତ କେତୋଟି ମନ୍ତବ୍ୟକୁ ଉଦ୍ଧାର କରିଥିଲେ । ଏହିସଭାରେ ଉପସ୍ଥିତ ସୁପ୍ରିମ କୋର୍ଟର ବିଚାରପତି ମାନ୍ୟବର ରଙ୍ଗନାଥ ମିଶ୍ରଙ୍କର ଉକ୍ତି ଯେ 'ବିଚାରପତିମାନେ ନିଜର ଐକାନ୍ତ ଛାଡ଼ି ବାହାରକୁ ଆସି ନିଷ୍ପେଷିତ ଓ ଉପେକ୍ଷିତ ଲୋକଙ୍କର ଆଖିରୁ ଲୁହ ପୋଛିବାର ପ୍ରକୃଷ୍ଟ ସମୟ ଆସି ଯାଇଛି', ତାହାକୁ ମାନ୍ୟବର ଗତିକୃଷ୍ଣ ମିଶ୍ର ପ୍ରଶ୍ନ କରିଥିଲେ । ତାଙ୍କ ଭାଷାରେ, "ଉପେକ୍ଷିତ, ଦରିଦ୍ର ଓ ନିଷ୍ପେଷିତ ଜନସାଧାରଣଙ୍କ ଆଖିରୁ ଲୁହପୋଛିବା ନିଶ୍ଚିତଭାବେ ଏକ ସ୍ୱାଗତଯୋଗ୍ୟ ବିଚାର । କିନ୍ତୁ ପ୍ରଶ୍ନ ହେଉଛି – ଏହି ଉଦ୍ଦେଶ୍ୟ ସାଧନ ପାଇଁ ବିଚାରପତିମାନେ କେଉଁ ପନ୍ଥା ଅନୁସରଣ କରିବେ । ବିଚାରପତିମାନେ ପକ୍ଷମାନଙ୍କର ଲୁହ ପୋଛି ପାରିବେ କେବଳ ବିଚାର ପଦ୍ଧତି ଦ୍ୱାରା । କେବଳ ନ୍ୟାୟସଙ୍ଗତ ଆଚରଣ ଅନୁସରଣ ଦ୍ୱାରା, ଭୟ ଓ ପକ୍ଷପାତିତାଠାରୁ ଦୂରରେ ରହି ନିରପେକ୍ଷ ନ୍ୟାୟ ପ୍ରଦାନ ଦ୍ୱାରା, ସ୍ୱଳ୍ପ ସମୟରେ ମୋକଦ୍ଦମାର ବିଚାର ଶେଷ କରିବା ଦ୍ୱାରା...। ଏହି ତିନି ଜଣ ବିଚାରପତି ସମ୍ବର୍ଦ୍ଧନା ଗ୍ରହଣ କରି କିପରିଭାବେ ନିଷ୍ପେଷିତ ଓ ଉପେକ୍ଷିତ ଲୋକଙ୍କ ଆଖିରୁ ଲୁହ ପୋଛିଲେ ?" ଅର୍ଥାତ୍ ଗତିବାବୁଙ୍କ ବିଚାରରେ ବିଚାରପତିମାନେ ଜନତାର ନିକଟତର ହୋଇପାରିବେ ଯଦି ସେମାନେ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ । ତାଙ୍କର ଇଙ୍ଗିତ ଥିଲା ଯେ ବିଭିନ୍ନ ସଭା ସମିତିକୁ ଯିବା ଦ୍ୱାରା ବିଚାରପତିମାନଙ୍କର ନିରପେକ୍ଷତା ପ୍ରଭାବିତ ହୋଇପାରେ ଓ ରାୟ ଲେଖା ବିଳମ୍ବିତ ହୋଇ ଯାଇପାରେ । କିନ୍ତୁ ଗତିବାବୁ ଯେ କିଛି ନୂଆ କଥା ଏହି ପରାମର୍ଶ ଛଳରେ କହୁ ନାହାନ୍ତି ତାହା ତାଙ୍କ ନିବନ୍ଧଟିରେ ହିଁ ଦର୍ଶାଉଥିଲେ ଯେତେବେଳେ ସେ ୧୯୫୮ମସିହାରେ ୧୪ଶ ଲ' କମିଶନର ମନ୍ତବ୍ୟକୁ ଉଦ୍ଧାର କରୁଥିଲେ ଯେ 'ବିଚାରପତିମାନଙ୍କର ସର୍ବସାଧାରଣଙ୍କ ସହ ମିଳାମିଶା ସଂକ୍ରାନ୍ତୀୟ ମନୋଭାବ ମଧ୍ୟ ସମ୍ପୂର୍ଣ୍ଣ

ବଦଳି ଯାଇଛି । ନୂତନଭାବେ ନିଯୁକ୍ତି ପାଇଥିବା ବିଚାରପତିମାନେ କେବଳ ଭିନ୍ନ ସଂଗଠନ ନୁହେଁ ବରଂ ଆଇନଜୀବୀ ଓ ସାଧାରଣ ବ୍ୟକ୍ତିମାନଙ୍କ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମକୁ ହେଉଥିବା ବ୍ୟକ୍ତିଗତ ନିମନ୍ତ୍ରଣ ମଧ୍ୟ ଗ୍ରହଣ କରୁଛନ୍ତି । ଆମକୁ କୁହାଯାଇଛି ଯେ, ଜଣେ ହାଇକୋର୍ଟର ବିଚାରପତି ଯିଏ କି ସୁପ୍ରିମକୋର୍ଟରେ ନିଯୁକ୍ତି ପାଇଥିଲେ ତାଙ୍କୁ ଗୋଟିଏ ଉତ୍ସବରେ ଜଣେ ସାଧାରଣ ବ୍ୟକ୍ତି ଆପ୍ୟାୟିତ କରିଥିଲେ । ବାସ୍ତବରେ କେତେକ ନିର୍ଦ୍ଦିଷ୍ଟ ଆଇନଜୀବୀ ନୂତନଭାବେ ଆସୁଥିବା ବିଚାରପତିମାନଙ୍କୁ ବ୍ୟକ୍ତିଗତଭାବେ ସମ୍ବର୍ଦ୍ଧନା ଦେବା ଏକ ଅଭ୍ୟାସରେ ପରିଣତ କରିଛନ୍ତି, ଯାହାକି ଏକଦା ଦିଲ୍ଲୀରେ ସୀମାବଦ୍ଧ ଥିଲା । ବ ର୍ତ୍ତମାନ ଏହା ବିଭିନ୍ନ ସ୍ଥାନରେ ଘଟିଲାଣି । ଆମେ ଅନୁଭବ କରୁଛୁ ଯେ, ବିଚାରପତିମାନଙ୍କର ଏଭଳି ଆଚରଣ ଜନସାଧାରଣଙ୍କର ସେମାନଙ୍କ ପ୍ରତି ରହିଥିବା ଉଚ୍ଚ ସମ୍ମାନବୋଧକୁ କ୍ଷୁଣ୍ଣ କରିବ ।' ଗତିକୃଷ୍ଣ ମିଶ୍ର କେଉଁ ସ୍ତରର ବିଚାରପତି ଥିଲେ ତାହା ଅନୁମାନ କରିହୁଏ ଯେତେବେଳେ ଓଡିଶା ଉଚ୍ଚ ନ୍ୟାୟାଳୟର ଲବ୍ଧପ୍ରତିଷ୍ଠ ଅଧିବକ୍ତା ଗଙ୍ଗାଧର ରଥ ଲେଖନ୍ତି,"ତାଙ୍କର ପଦୋନ୍ନତିରେ ଆଇନଜୀବୀ, ନିମ୍ନ ବିଚାର ବିଭାଗ, ସରକାର ଓ ଜନସାଧାରଣ ଅନୁଭବ କରିଥିଲେ ଯେ ଜଣେ ଅତି ସୁଯୋଗ୍ୟ ଅଧିବକ୍ତାଙ୍କୁ ବିଚାରପତି ପଦରେ ନିଯୁକ୍ତି ଦିଆଯାଇଛି । ଏ ପ୍ରକାର ଆସ୍ଥା ଓ ବିଶ୍ୱାସ ଖୁବ କମ ଲୋକଙ୍କ ଭାଗ୍ୟରେ ମିଳେ" (ଭୁଲି ନାହିଁ, ଗଙ୍ଗାଧର ରଥ, ଅଳକା ପ୍ରକାଶନୀ,୧୯୯୪, ପୃ ୩୧୯ ) ଗତିବାବୁଙ୍କର ପରାମର୍ଶ ଯେ ପାଳନ ଅପେକ୍ଷା, ଗତ ୩୦ ବର୍ଷରେ, ଅଧିକ ବିଡମ୍ବିତ ହୋଇଛି ଓ ହେଉଛି ତାହା କହିବା ବାହୁଲ୍ୟ ମାତ୍ର । ଆଜି ଅଦାଲତମାନଙ୍କରେ ପଡି ରହୁଥିବା ମକଦ୍ଦମାଗୁଡ଼ିକର ସଂଖ୍ୟା ବଢ଼ିବାରେ ଲାଗିଛି (୧୯୫୦ ମସିହାରୁ ୨୦୧୬ ସେପ୍ଟେମ୍ବର ମଧ୍ୟରେ ସୁପ୍ରିମକୋର୍ଟରେ ପଡ଼ି ରହିଥିବା ମାମଲାର ସଂଖ୍ୟାରେ ୮୮ଗୁଣ ବୃଦ୍ଧି ଘଟିଛି; ୬୯୦ରୁ ୬୦,୯୩୮କୁ ବୃଦ୍ଧି ପାଇଛି ଯେତେବେଳେ ବିଚାରପତିଙ୍କ ସଂଖ୍ୟାରେ ବୃଦ୍ଧି ହୋଇଛି ତିନି ଗୁଣ, ୮ଜଣରୁ ୩୧ଜଣକୁ ବୃଦ୍ଧି ପାଇଛି[୧], ବିଚାରପତିମାନଙ୍କ ବିରୋଧରେ ନାନା ପ୍ରକାର ଅଭିଯୋଗ ବୃଦ୍ଧି ପାଇବାରେ ଲାଗିଛି । ଏକ ସର୍ବେକ୍ଷଣରେ ଭାଗ ନେଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ଶତକଡ଼ା ୭୭ ଭାଗ ବିଶ୍ୱାସ କରନ୍ତି ଯେ ଆମର ନ୍ୟାୟବ୍ୟବସ୍ଥା ଦୁର୍ନୀତିଗ୍ରସ୍ତ[୨] । ଆନ୍ଧ୍ର ପ୍ରଦେଶରେ ସିବିଆଇ କୋର୍ଟ ବିଚାରପତି ଉତ୍କୋଚ ନେଇ ଜାମିନ ଦେବା ଅଭିଯୋଗରେ  ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଗିରଫ ହେବା[୩] ଓ ନିକଟ ଅତୀତରେ ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ସିବିଆଇ ଦ୍ୱାରା ଗିରଫ ହେବା ନ୍ୟାୟପାଳିକାରେ ଦୁର୍ନୀତି ବ୍ୟାପ୍ତିର  ଗୋଟିଏ ଗୋଟିଏ ଦୁର୍ଭାଗ୍ୟଜନକ ଦୃଷ୍ଟାନ୍ତ ।

## ***ଓଡିଶା ଉଚ୍ଚନ୍ୟାଳୟରେ ବାକ୍ ସ୍ୱାଧୀନତା ପ୍ରସଙ୍ଗ***

ଜନସାଧାରଣଙ୍କ ମେଳରେ ବିଚାରପତିମାନେ ବସାଉଠା କରିବାକୁ ନାପସନ୍ଦ କରୁଥିବା ମାନ୍ୟବର ବିଚାରପତି ଗତିକୃଷ୍ଣ ମିଶ୍ର କିନ୍ତୁ ବ୍ୟକ୍ତିର ବାକ୍‌ସ୍ୱାଧୀନତା, ଯାହା ସମ୍ବିଧାନର ଧାରା ୧୯(୧)(ଏ) ଅନୁସାରେ ପ୍ରତ୍ୟେକ ଭାରତୀୟ ନାଗରିକର ମୌଳିକ ଅଧିକାର, ତାହାର ସୁରକ୍ଷା ପାଇଁ ଯେପରି ଥିଲେ ପ୍ରତିଶ୍ରୁତିବଦ୍ଧ । ତା' ନହେଲେ ସେ ଓଡ଼ିଶା ସରକାରୀ କର୍ମଚାରୀଙ୍କ ଆଚରଣ ବିଧି, ୧୯୫୯ (Orissa Government Servants Conduct Rules, 1959)ର ନିୟମ  ୬(ii) ଓ ୭(i) କୁ ମୌଳିକ ଅଧିକାରର ଧାରା ୧୯(୧)(ଏ)ର ପରିପନ୍ଥୀ ବୋଲି, ସାଢ଼େ ଚାରିଦଶକ ପୂର୍ବେ ସହଯୋଗୀ ବିଚାରପତି ମାନ୍ୟବର ସୁକାନ୍ତ କିଶୋର ରାୟଙ୍କ ସହ, ଏକ ରାୟରେ ଘୋଷଣା କରିଥିବା ଆମେ ସ୍ମରଣ କରନ୍ତେ ନାହିଁ । (ଦ୍ରଷ୍ଟବ୍ୟ  ବି ରାମଚନ୍ଦ୍ର ବନାମ ଶିକ୍ଷା ବିଭାଗ ସଚିବଙ୍କ ଦ୍ୱାରା ପ୍ରତିନିଧିତ୍ୱ ଓଡ଼ିଶା ସରକାର, ଅଗଷ୍ଟ ୨, ୧୯୭୧, Indian Law Reports, Cuttack Series, 1971, pp.1146-1162) ଆଚରଣ ବିଧିର ଉପରୋକ୍ତ ଦୁଇଟି ନିୟମ ଅନୁସାରେ କୌଣସି ସରକାରୀ କର୍ମଚାରୀ ସରକାରଙ୍କର ଅନୁମତି ବିନା କୌଣସି ପତ୍ରପତ୍ରିକାରେ, ତାହା  ନିଜ ନାମରେ ବା ଛଦ୍ମନାମରେ ହେଉ କୌଣସି ଲେଖା (କେବଳ କଳା, ବିଜ୍ଞାନ ଓ ସାମୟିକ ଲେଖାକୁ ବାଦ୍ ଦେଇ) ପ୍ରକାଶ କରିପାରିବେ ନାହିଁ । ସେମାନେ ମଧ୍ୟ ଗଣମାଧ୍ୟମରେ ବା କୌଣସି ସଭାସମିତିରେ ଅଂଶଗ୍ରହଣ କରି ବା କୌଣସି ପତ୍ରପତ୍ରିକାରେ ଲେଖା ପ୍ରକାଶ କରି ଏପରି କୌଣସି ପ୍ରତିକୂଳ ମନ୍ତବ୍ୟ ଦେବେ ନାହିଁ ଯାହା ସରକାରଙ୍କ ନୀତିକୁ, ତାହା ରାଜ୍ୟ ସରକାରର ହେଉ ବା କେନ୍ଦ୍ର ସରକାରର ହେଉ ବା ଅନ୍ୟ କୌଣସି ରାଜ୍ୟ ସରକାରର ହେଉ, ତାହାକୁ ସମାଲୋଚନା କରୁଥିବ । ଏହିଭଳି ଦୁଇ ନିୟମ ଉପରେ ମାନ୍ୟବର ବିଚାରପତି ଗତିକୃଷ୍ଣ ମିଶ୍ର ଲେଖିଥିଲେ, "ଏକ ପ୍ରତିକୂଳ ମନ୍ତବ୍ୟ ତର୍କସଙ୍ଗତ, ନିଷ୍ପକ୍ଷ, ଓ ଉଚିତ ହୋଇପାରେ । ଏକ ଗଣତାନ୍ତ୍ରିକ ସରକାରକୁ ସମସ୍ତ ସମ୍ଭାବ୍ୟ ମତ ଉପଲବ୍ଧ ହେବା ଉଚିତ ଯାହାଦ୍ୱାରା ସରକାର ତାଙ୍କର ପ୍ରଶାସନକୁ ସନ୍ତୁଳନ ରକ୍ଷାକରି (on an even keel), ଏକ ସୁସ୍ଥ ପରିବେଶରେ ଚଳାଇ ପାରିବେ । ପ୍ରତିବାଦିତ(impugned) ନିୟମଦ୍ୱୟ ବୈଧ ଓ ଯୁକ୍ତିଯୁକ୍ତ ସମାଲୋଚନା, ଯାହା ସମ୍ବିଧାନର ଧାରା ୧୯(୨)ର ପରିସର ଭିତରେ ଆସୁ ନାହିଁ, ତାହା ଉପରେ ପ୍ରତିବନ୍ଧ ଲଗାଇ ବାକ୍ ସ୍ୱାଧୀନତା ଉପରେ ବେଡି ପକାଇ ଦେଇଛନ୍ତି । ତେଣୁ

ପ୍ରତିବାଦିତ ନିୟମ ଦ୍ୱୟ ଆଇନସିଦ୍ଧ ନୁହନ୍ତି (void ) ଯେହେତୁ ଏହି ନିୟମ ଦ୍ୱୟ ସମ୍ବିଧାନର ଧାରା ୧୯(୧) (ଏ)କୁ ଉଲ୍ଲଂଘନ କରୁଛନ୍ତି ଓ ସମ୍ବିଧାନର ଧାରା ୧୯(୨) ଦ୍ୱାରା ସୁରକ୍ଷିତ (not saved) ନୁହନ୍ତି ।" ଏହି ମତ ସହିତ ଏକମତ ହୋଇଥିଲେ ସହଯୋଗୀ ବିଚାରପତି ମାନ୍ୟବର ସୁକାନ୍ତକିଶୋର ରାୟ । ଏହି ରାୟଟି ସୁପ୍ରିମକୋର୍ଟରେ ଯେ କାଏମ ରହିବା Civil Appeal No. 1551 of 1972, CORAM Hon'ble Mr. Justice E.S. Venkataramaiah and Hon'ble Mr. Justice Ranganath Mishra, judgment delivered on 25th July 1986) ଦର୍ଶାଏ ଯେ ନ୍ୟାୟପାଳିକା ଦୃଷ୍ଟିରେ ସରକାରଙ୍କ କାର୍ଯ୍ୟକଳାପକୁ, ନୀତିକୁ ସମାଲୋଚନା କରିବା ସରକାରୀ କର୍ମଚାରୀର ବାକ୍‌ସ୍ୱାଧୀନତାର ମୌଳିକ ଅଧିକାର; ଏବଂ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହି ଭଳି ସମାଲୋଚନାର ଆବଶ୍ୟକତା ରହିଛି । ଏହାକୁ କୌଣସି ଆଚରଣ ବିଧି କରି ଭିତରୁ ସମାଲୋଚନାର ସ୍ୱରକୁ ରୁଦ୍ଧ କରିଦେବା ଅସାମ୍ବିଧାନିକ । ନ୍ୟାୟପାଳିକାର ଏହିଭଳି ଦୃଷ୍ଟିକୋଣକୁ ବ୍ୟାପକ ଅର୍ଥରେ ବିଚାର କଲେ ଅନୁଷ୍ଠାନ ଭିତରୁ ଅନୁଷ୍ଠାନର କାର୍ଯ୍ୟପଦ୍ଧତି ଓ ନୀତିକୁ ସମାଲୋଚନା କରାଯିବାକୁ ସମ୍ବିଧାନ -ସମ୍ମତ ବୋଲି କୁହାଯିବ କାରଣ ଏହା ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସୁପ୍ରଶାସନ ପାଇଁ ନିହାତି ଜରୁରୀ । ଅବଶ୍ୟ ଧାରା ୧୯(୨) ଅନୁସାରେ ସମାଲୋଚନାରେ ଏପରି କୌଣସି ବକ୍ତବ୍ୟ ରହିବା ଉଚିତ ନୁହେଁ ଯାହା ରାଷ୍ଟ୍ରର ନିରାପ ।କୁ ବିପନ୍ନ କରିବ, ଆଇନ ଶୃଙ୍ଖଳା ପରିସ୍ଥିତକୁ ବିପନ୍ନ କରିବ, ଅପରାଧକୁ ଉସକାଇବ, ଶିଷ୍ଟାଚାରତାକୁ ଉଲଂଘନ କରୁଥିବ, ସୁସମ୍ପର୍କ ଥିବା ବିଦେଶୀ ରାଷ୍ଟ୍ର ପ୍ରତି କଟାକ୍ଷ ଥିବ, କୋର୍ଟ ଅବମାନନା କରୁଥିବ, ଅଶୋଭନୀୟ ହେଉଥିବ ।

## ***ଗଣମାଧ୍ୟମ ସମ୍ମୁଖରେ ସୁପ୍ରିମକୋର୍ଟ ବିଚାରପତି***

ସାଢ଼େ ଚାଳିଶବର୍ଷ ତଳେ, ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ବାକ୍ ସ୍ୱାଧୀନତା ସମ୍ପର୍କରେ ପ୍ରକଟିତ ହୋଇଥିବା ନ୍ୟାୟପାଳିକାର ଦୃଷ୍ଟିକୋଣ ଏବେ ବେଶ୍ ପ୍ରାସଙ୍ଗିକ ମନେହୁଏ ଯେତେବେଳେ ୧୨ଜାନୁଆରୀ ଦିନ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ପରେ ବରିଷ୍ଠତା କ୍ରମରେ ଉପରେ ଥିବା ଚାରିଜଣ ବିଚାରପତି ସାମ୍ବାଦିକଙ୍କୁ ଡାକି ସେମାନଙ୍କୁ ଜଣାଇଲେ ଯେ, "ସର୍ବୋଚ୍ଚ ନ୍ୟାୟାଳୟର ପ୍ରଶାସନ ଠିକ ଠାକ ନାହିଁ ଏବଂ ଅନେକ କଥା ଯାହା ଆଶା କରାଯାଏ ନାହିଁ ତାହା ଏଇ ଗତ କିଛି ମାସ ହେଲା ଘଟିଛି"; ଯଦି "ଏହି ଅନୁଷ୍ଠାନକୁ ସଂରକ୍ଷିତ ନ କରାଯାଏ ତାହାହେଲେ ଏ ଦେଶରେ ଗଣତନ୍ତ୍ର ରହିବ ନାହିଁ "; "ଆମେ ଚାରିଜଣ ବୁଝିଛୁ ଯେ ଗଣତନ୍ତ୍ର ଆଜି ବିପଦରେ"। ସାମ୍ବାଦିକ ସମ୍ମିଳନୀ କରିବାର ନିଷ୍ପି ସେମାନଙ୍କ ପାଇଁ ଥିଲା ଅତ୍ୟନ୍ତ ଯନ୍ତ୍ରଣାଦାୟକ ("extremely painful") । କିନ୍ତୁ ସେମାନେ ଏହି ନିଷ୍ପି ନେବାକୁ ବାଧ୍ୟ ହେଲେ ଯେତେବେଳେ ମୁଖ୍ୟ ବିଚାରପତିଙ୍କୁ ବୁଝାଇବାର ସେମାନଙ୍କର ସମସ୍ତ ପ୍ରଚେଷ୍ଟା ବିଫଳ ହେଲା । ଏହାଦ୍ୱାରା ସେମାନେ ନ୍ୟାୟପାଳିକା ପ୍ରତି ଓ ରାଷ୍ଟ୍ର ପ୍ରତି ସେମାନଙ୍କର କର୍ବ୍ୟ ସମ୍ପାଦନ କରୁଛନ୍ତି ବୋଲି ଦାବି କରୁଥିଲେ ।("we owe a responsibility to the institution and the nation. Our efforts have failed in convincing CJI to take steps to protect the institution."; "nobody is breaking ranks and it is discharge of debt to nation which we have done.") ଅର୍ଥାତ୍ ଏହି ବରିଷ୍ଠ ବିଚାରପତିମାନେ ମୁଖ୍ୟ ବିଚାରପତିଙ୍କ ବିରୋଧରେ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରୁଥିଲେ, ଅନୁଷ୍ଠାନର ସ୍ୱାର୍ଥରେ ଓ ଗଣତନ୍ତ୍ରର ସ୍ୱାର୍ଥରେ୍। ସେମାନଙ୍କ ଭିତରେ ଥିଲା ଏକ ଅସହାୟତାର ଭାବ ଯେତେବେଳେ ସେମାନଙ୍କ ତରଫରୁ ବରିଷ୍ଠତମ ମାନ୍ୟବର ବିଚାରପତି ଜେ.ଚେଲମେଶ୍ୱର କହୁଥିଲେଂ, "ମୁଁ ଚାହେଁ ନା ଯେ ଆଉ କୋଡିଏବର୍ଷ ପରେ ଏହି ଦେଶର କିଛି ଧୀସମ୍ପନ୍ନ ବ୍ୟକ୍ତି କହିବେ ଯେ ଚେଲମେଶ୍ୱର, ରଂଜନ ଗୋଗୋଇ, ମଦନ ଲୋକୁର ଏବଂ କୁରିଆନ ଜୋଶେଫ ସେମାନଙ୍କର ଆତ୍ମାକୁ ବିକି ଦେଇଥିଲେ, ସେମାନେ ଅନୁଷ୍ଠାନ ପ୍ରତି ଯତ୍ନବାନ ହୋଇ ନ ଥିଲେ, ରାଷ୍ଟ୍ରର ସ୍ୱାର୍ଥ ପ୍ରତି ଧ୍ୟାନ ଦେଇ ନ ଥିଲେ; ଆମେ ଚାହୁଁ ନା ଏପରି କୁହାଯିବା, ତେଣୁ ଆମେ ଏହି ପ୍ରସଙ୍ଗକୁ ଦେଶର ଲୋକଙ୍କ ସମ୍ମୁଖରେ ରଖୁଛୁ ।" ଓ ଏହି ସାମ୍ବାଦିକ ସମ୍ମିଳନୀ ଜରିଆରେ ଅନୁନୟ କରୁଥିଲେଂ, "ଅନୁଗ୍ରହ କରି ଏହି ଦେଶ ବିଷୟରେ ଚିନ୍ତା କରନ୍ତୁ, ଏହି ଅନୁଷ୍ଠାନ ବିଷୟରେ ଚିନ୍ତା କରନ୍ତୁ ।" ମୁଖ୍ୟ ବିଚାରପତିଙ୍କ ବିରୋଧରେ ମୁଖ୍ୟ ଅଭିଯୋଗ ଥିଲା ଯେ ସେ ତାଙ୍କର Master of Roster ଭୂମିକାର ପାଳନ ପରମ୍ପରା ଅନୁସାରେ କରୁନାହାନ୍ତି । ରାଷ୍ଟ୍ର ଓ ଅନୁଷ୍ଠାନ ପାଇଁ ଦୂରଗାମୀ ପରିଣତି ଥିବା ମାମଲାଗୁଡିକୁ କୌଣସି ଯୁକ୍ତିଯୁକ୍ତ ଆଧାର ନ ଥାଇ କେତେକ ନିର୍ଦ୍ଦିଷ୍ଟ ପୀଠକୁ ହିଁ ଶୁଣାଣି ପାଇଁ ପଠାଉଛନ୍ତି । ଯେ କୌଣସି ମୂଲ୍ୟ ଦେବାକୁ ପଡୁ ନା କାହିଁକି, ଏହା ବିରୋଧରେ ଠିଆ ହେବାକୁ ହେବଁ। ଭାରତର ନ୍ୟାୟପାଳିକାର ଇତିହାସରେ ଏପରି କେବେ ହୋଇନଥିଲା; କାର୍ଯ୍ୟରତ ବିଚାରପତି ଗଣମାଧ୍ୟମ ସମ୍ମୁଖରେ ମୁଖ୍ୟ ବିଚାରପତିଙ୍କର କାର୍ଯ୍ୟଧାରାକୁ ବିରୋଧ କରିବା । ରାଷ୍ଟ୍ରର ନାଗରିକଙ୍କୁ ରାଷ୍ଟ୍ର ଓ ନ୍ୟାୟପାଳିକାର ଅନୁଷ୍ଠାନକୁ ରକ୍ଷା କରିବା ପାଇଁ ଅନୁନୟ

ପ୍ରଥମ ଥର ପାଇଁ ଦୃଶ୍ୟ ହେଉଥିଲା । ଯଦିଓ କୋର୍ଟ ଭିତରେ ମୁଖ୍ୟ ବିଚାରପତିଙ୍କ ଆଚରଣକୁ ସହଯୋଗୀ ବିଚାରପତି ପ୍ରକାଶ୍ୟରେ ନାପସନ୍ଦ କରିବାର ଦୃଷ୍ଟାନ୍ତ ଆଗରୁ ରହିଛି ।

## ଓଡ଼ିଶା ଉଚ୍ଚନ୍ୟାୟାଳୟରେ ଘଟିତ ଦୃଷ୍ଟାନ୍ତ

ସ୍ୱନାମଧନ୍ୟ ଅଧିବକ୍ତା ଶ୍ରୀ ଗଂଗାଧର ରଥ ତାଙ୍କର ଆତ୍ମଜୀବନୀ 'ଭୁଲି ନାହିଁ' (ଅଳକା ପ୍ରକାଶନୀ, ୧୯୯୪, ପୃ ୩୨୮-୨୯ )ରେ, ଓଡ଼ିଶା ଉଚ୍ଚନ୍ୟାୟାଳୟରେ ଏକ ଅନୁଭୂତିରୁ, ଏହଭଳି ଏକ ଦୃଷ୍ଟାନ୍ତର ଅବତାରଣା କରନ୍ତି । ସେ ଲେଖନ୍ତି, "ଜଷ୍ଟିସ୍ ଅହମଦ୍ ଯେତେବେଳେ ଦଲିଲଟି ପଢୁଥିଲେ, ଅମେ ଅନୁଭବ କଲୁ, କ୍ଷୋଭ ଓ ବିରକ୍ତିରେ ଜଷ୍ଟିସ୍ ବର୍ମନଙ୍କର ମୁହଁ ଯେପରି ଅଧିକରୁ ଅଧିକ ଲାଲ ହୋଇଉଠୁଛି, ସେ ଯେପରି ସମ୍ପୂର୍ଣ୍ଣ ବିବ୍ରତ । ପଢ଼ିବା ତ ଦୂରର କଥା, ସେ କାଗଜ କେତେ ଖଣ୍ଡ ଚିଫ୍ ଜଷ୍ଟିସ୍ଙ୍କ ହାତରୁ ଗ୍ରହଣ ନ କରି ମୋ ଆଡକୁ ଚାହିଁ ଦୃଢ଼ କଣ୍ଠରେ ଓ ଉଚ୍ଚ ଗଳାରେ କହିଲେ, "ମିଷ୍ଟର ଗଭର୍ଣ୍ଣମେ  ଆଡଭୋକେଟ ! ତୁମେ ଯେଉଁ ପ୍ରିଭିଲେଜ ଆପ଼ି ଉତ୍ଥାପନ କରିଛ, ସେ ବିଷୟରେ ତୁମର ଯୁକ୍ତି ଶୁଣି ନିଷ୍ପି ନ ଦେବା ପର୍ଯ୍ୟନ୍ତ, ଏ କାଗଜ ପଢିବା ତ ଦୁରର କଥା, ମୁଁ ତାକୁ ସ୍ପର୍ଶ କରିବି ନାହିଁ, ସେଥି ପ୍ରତି ଦୃଷ୍ଟିପାତ ମଧ୍ୟ କରିବିନାହିଁ ।" ବର୍ମନ ସାହେବଙ୍କ ମନ୍ତବ୍ୟରେ କୋର୍ଟ ଗୃହରେ ଚାଂଚଲ୍ୟ ଖେଳି ଗଲା । ତାଙ୍କର ଦୃଢ଼ତା ଓ ନ୍ୟାୟ ନିଷ୍ଠ ପ୍ରତିରୋଧ ଦେଖି କୃତଜ୍ଞତାରେ ମୋ ଆଖି ଛଳ ଛଳ ହୋଇ ଉଠିଲା । ସମସ୍ତେ ଅବାକ୍ ହୋଇଗଲେ ଯେ ଜଣେ ଜୁନିୟର ଜଜ୍, ଚିଫ ଜଷ୍ଟିସ୍ଙ୍କର ଏତାଦୃଶ ଖାମଖିଆଲି ଆଚରଣର ଖୋଲାଖୋଲି ପ୍ରତିରୋଧ କରିବାକୁ ପଶ୍ଚାତ୍ପଦ ନୁହନ୍ତି । ଅବଶ୍ୟ ଆଇନ ଅନୁଯାୟୀ ମୋକଦ୍ଦମା ବିଚାର କ୍ଷେତ୍ରରେ ଉଭୟ ଜଜ୍ଙ୍କର ସମାନ ଅଧିକାର । ଚିଫ୍ ଜଷ୍ଟିସଙ୍କ ସହ ଅନ୍ୟ ଜଜ୍ମାନେ ସହମତ ହେବାକୁ ବାଧ୍ୟ ନୁହନ୍ତି । ସେଥିପାଇଁ ସୁପ୍ରିମକୋର୍ଟରେ ବହୁ କେସ୍ରେ ଜଜ୍ମାନେ ଭିନ୍ନମତ ପୋଷଣ କରିଥାନ୍ତି ଏବଂ ଶେଷରେ ବହୁମତ ଅନୁଯାୟୀ ମୋକଦ୍ଦମାର ଚୂଡ଼ାନ୍ତ ନିଷ୍ପି ହୁଏ । ଅନ୍ୟ ହାଇକୋର୍ଟ ମାନଙ୍କରେ ମଧ୍ୟ ଏହି ପ୍ରଥା ପ୍ରଚଳିତ । କିନ୍ତୁ ସହଯୋଗୀ ଜଜ୍ଙ୍କଠାରୁ ଭିନ୍ନ ମତ ପୋଷଣ କରିବାର ଦୃଷ୍ଟାନ୍ତ ଓଡ଼ିଶାରେ ବିରଳ ।" (ଭୁଲି ନାହିଁ, ଗଙ୍ଗାଧର ରଥ, ଅଳକା ପ୍ରକାଶନୀ, ୧୯୯୪, ପୃ ୩୨୮-୨୯ ) ତାପରେ ଦେଖନ୍ତୁ ଚିଫ ଜଷ୍ଟିସ୍ଙ୍କର ସକାରାତ୍ମକ ପ୍ରତିକ୍ରିୟା ଯାହା ଗଙ୍ଗାଧର ରଥ ମହୋଦୟଙ୍କ ଭାଷାରେ, "ଯାହାହେଉ, ଜଷ୍ଟିସ୍ ବର୍ମନଙ୍କର ମନୋଭାବ ଦେଖି, ଚିଫ୍ଜଷ୍ଟିସ୍ ପଛଘୁଂଚା ଦେଲେ ଓ 'ପ୍ରିଭିଲେଜ' ଆପ଼ି ଉପରେ ମୋର ବକ୍ତବ୍ୟ ପେଶ୍ କରିବା ପାଇଁ ନିର୍ଦ୍ଦେଶ ଦେଲେ ।....ଉଭୟ ବିଚାରପତି ମୋ ସହିତ ଏକମତ ହୋଇ 'ପ୍ରିଭିଲେଜ' ଆପ଼ି ଗ୍ରହଣ କରିନେଲେ । ଚିଫ ଜଷ୍ଟିସ୍ ଅହମଦ୍ ତାଙ୍କର ଅନ୍ୟାୟ ଓ ଅସଂଗତ ଆଚରଣର ତାତ୍ପର୍ଯ୍ୟ ବୁଝିଲେ କି ନାହିଁ ଜଣାନାହିଁ। କିନ୍ତୁ କୌଣସି କଥା ନ କହି, ସେ ସମସ୍ତଙ୍କ ସାମନାରେ ଦଲିଲଟି ଲଫାଫାରେ ଭର୍ି କଲେ । ଅଫିସ ଚପ୍ରାସି ଜରିଆରେ ଅଠା ବୋତଲ ମଗାଇ ନିଜ ହାତରେ ଲଫାଫାଟି ବନ୍ଦ କରି ମୋତେ ଫେରାଇ ଦେଲେ ।" ଏହିପରି ଆଚରଣକୁ ଯଦିଓ ରଥ ମହାଶୟ କୁହନ୍ତି, "ଅହମଦ୍ ବୋଧହୁଏ ନିଜର ଉଦାରତା ଓ ନିରପେକ୍ଷତା ପ୍ରମାଣ କରିବା ପାଇଁ ଲଫାଫା ନିଜ ହାତରେ ବନ୍ଦ କରିବାର ପ୍ରହସନ କରିଥିଲେ", ତଥାପି ଏହି 'ପ୍ରହସନ' ଦ୍ୱାରା ସେ ଯେ ନିଜର ଅଂହକୁ ଯେ ପଛକୁ ଠେଲି ଦେଇଥିଲେ ଯାହା ପ୍ରଶଂସନୀୟ, ଏହାକୁ ଅସ୍ୱୀକାର କରାଯାଇପାରେ କି? ନିଜର ଜୁନିୟର ଜଜ୍ଙ୍କର ମନ୍ତବ୍ୟକୁ ଗୁରୁତ୍ୱ ଦେବାର ଯେଉଁ ନଜିର ଚିଫ ଜଷ୍ଟିସ୍ ଖଲିଲ ଅହମଦ ପ୍ରଦର୍ଶନ କଲେ, ତାହାକୁ ଅଣଦେଖା କରାଯାଇପାରେ କି? ଏହିଭଳି ଉଦାର ମାନସିକତା ଜୁନିୟରମାନଙ୍କ ପ୍ରତି ନ୍ୟାୟାଳୟର ଚିଫ ଜଷ୍ଟିସ୍ଙ୍କର ଯେ ରହିବା ଉଚିତ, ଏହା ମଧ୍ୟ ଏହି ଦୃଷ୍ଟାନ୍ତର ବଳିଷ୍ଠ ସମ୍ବାଦ । ଏହି ଦୃଷ୍ଟାନ୍ତରେ ଉଲ୍ଲିଖିତ ଦଲିଲଟି ଥିଲା ପବ୍ଲିକ ସର୍ଭିସ କମିଶନଙ୍କ ଏକ ସୁପାରିଶ ଯାହା ଗୋପନୀୟ ଓ  କୋର୍ଟରେ ଏହା ପଢାଯିବା ଜନସ୍ୱାର୍ଥ ବିରୋଧୀ ହେବ କହି ସରକାରଙ୍କ ତରଫରୁ ଗଙ୍ଗାଧର ରଥ ମହୋଦୟ ବିଶେଷ ଅଧିକାର ବା ପ୍ରିଭିଲେଜ ଦାବି କରୁଥିଲେ । ମକଦ୍ଦମାଟି ଥିଲା ବରଦାକାନ୍ତ ମିଶ୍ର ବନାମ ସରକାର ଓ ହାଇକୋର୍ଟ । ବରଦାକାନ୍ତ ମିଶ୍ରଙ୍କର ଅଭିଯୋଗ ଥିଲା ଯେ 'ତାଙ୍କୁ ବେଆଇନ ଭାବରେ ଆଡିସନାଲ ଡିଷ୍ଟ୍ରିକ୍ଟ ମାଜଷ୍ଟ୍ରେଟ (ଜୁଡିସିଆଲ) ପଦରୁ ସବଜଜ୍ ପଦକୁ ରିଭର୍ସନ କରିଦିଆଯାଇଛି ।' 'ହାଇକୋର୍ଟର ସମସ୍ତ ଜଜ୍ ଏକତ୍ର ବିଚାର କରି ସୁପାରିଶ କରିବା ପରେ ସରକାର ଏହି ସୁପାରିଶ ଗ୍ରହଣ କରି ରିଭର୍ସନ ଆଦେଶ ଦେଇଥିଲେ ।'

## କୋର୍ଟ ଅବମାନନା

ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଚାରିଜଣ ଗଣମାଧ୍ୟମ ସମ୍ମୁଖରେ ମୁଖ୍ୟ ବିଚାରପତିଙ୍କ କାର୍ଯ୍ୟ ଶୈଳୀକୁ ବିରୋଧ କରିବାକୁ କୋର୍ଟ ଅବମାନନା ବୋଲି ଧରାଯିବ କି? ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ମାନ୍ୟବର ସନ୍ତୋଷ ହେଗଡେ ମହୋଦୟ କୁହନ୍ତି଼ ଏହା କୋର୍ଟ ଅବମାନନା ହୋଇପାରେ ('may amount to contempt of court.')  ଦିଲ୍ଲୀ ଉଚ୍ଚନ୍ୟାୟାଳୟର ପୂର୍ବତନ ବିଚାରପତି ଆର୍ ଏସ୍

ସୋଢୀ[୮] (ବିଚାରପତି -ଜୁଲାଇ ୧୯୯୯ରୁ ନଭେମ୍ବର ୨୦୦୭) ଗଣମାଧ୍ୟମରେ ବିଚାରପତିମାନଙ୍କର ବୟାନ ଦେବାକୁ ଟ୍ରେଡ ୟୁନିୟନ ବ୍ୟବହାର ବୋଲି ବିଚାର କରନ୍ତି ଓ ଏହା ଭୁଲ ବୋଲି କୁହନ୍ତି । ଗଣତନ୍ତ୍ର ବିପଦରେ ବୋଲି କହିବାକୁ ଏମାନେ କିଏ ବୋଲି ମଧ୍ୟ ସୋଢୀ ମହୋଦୟ ପ୍ରଶ୍ନ କରନ୍ତି ଓ ଏହି ଚାରିଜଣ ବିଚାରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣି ଦଣ୍ଡିତ କରିବା ଉଚିତ ବୋଲି ସେ ଭାବନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସୋଢୀ ମହାଶୟ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟରେ ବିଚାରପତି ଥିବାବେଳେ ତତ୍କାଳୀନ ମୁଖ୍ୟ ବିଚାରପତି ୱାଇ କେ ସଭରୱାଲଙ୍କୁ ବିଦ୍ରୁପ କରିବା ଦୋଷରେ ଏକ ସମ୍ବାଦପତ୍ରର ସଂପାଦକ ଓ କାର୍ଟୁନିଷ୍ଟଙ୍କୁ ଦଣ୍ଡିତ କରିଥିଲେ, ଯାହା ଅବଶ୍ୟ ଦଶବର୍ଷ ପରେ ସୁପ୍ରିମକୋର୍ଟ ଦ୍ୱାରା ନାକଚ ହୋଇଗଲା[୯] ।  କିନ୍ତୁ ଏହି ଚାରିଜଣଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି,  ସୁପ୍ରିମକୋର୍ଟରେ ଉଠିଥିବା ଏକ ଆବେଦନକୁ ଗ୍ରହଣ କରିନାହାନ୍ତି[୧୦] ମୁଖ୍ୟ ବିଚାରପତି ମାନ୍ୟବର ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ବସିଥିବା ଏକ ତିନି ଜଣ ବିଚାରପତିଙ୍କ ଖଣ୍ଡପୀଠ । ଏହି ଚାରିଜଣ ବରିଷ୍ଠ ବିଚାରପତିଙ୍କର ଅଭୂତପୂର୍ବ ସାମ୍ବାଦିକ ସମ୍ମିଳନୀର ୮ ମାସ ପୂର୍ବରୁ ଭାରତୀୟ ନ୍ୟାୟପାଳିକା ଇତିହାସରେ ଆଉ ଏକ ଅଭୂତପୂର୍ବ ଘଟଣା ଘଟିଥିଲା ।

***<u>କର୍ଣ୍ଣନ୍ ପ୍ରସଙ୍ଗ</u>***

୦୯ ମଇ ୨୦୧୭ ଦିନ କୋର୍ଟ ଅବମାନନା ଦୋଷରେ ସୁପ୍ରିମକୋର୍ଟର ୭ଜଣ ବିଚାରପତିଙ୍କର ଖଣ୍ଡପୀଠ ଜଣେ କାର୍ଯ୍ୟରତ ହାଇକୋର୍ଟ ବିଚାରପତିଙ୍କୁ  ୬ମାସ କାରାବାସରେ ଦଣ୍ଡିତ କଲେ[୧୧] । ଏହା ସହିତ ଆଉ ଏକ ନିର୍ଦ୍ଦେଶ ଥିଲା ଗଣମାଧ୍ୟମକୁ ଯେ[୧୨] "ଯେହେତୁ ଅବମାନନା ଭିତରେ ଆସୁଛି ଖିଲାଫୀଙ୍କ(contemnor) ଦ୍ୱାରା ଦିଆଯାଇଥିବା ସାର୍ବଜନୀକ ବୟାନ ଓ ତାଙ୍କଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଗୁଡିକର ପ୍ରକାଶନ, ଯାହା ଉଭୟ ବୈଦ୍ୟୁତିକ ଓ ମୁଦ୍ରଣ ମାଧ୍ୟମରେ (electronic and print media) ବେଶ ପ୍ରମୁଖତା ପାଇଛି, ଆମର ମତ ହେଉଛି ଯେ ଏହା ପରେ ତାଙ୍କ ଦ୍ୱାରା ଦିଆଯିବା କୌଣସି ବୟାନକୁ ପ୍ରକାଶିତ କରାଯିବ ନାହିଁ । ଏହାହିଁ ଏତଦ୍ ଦ୍ୱାରା ନିର୍ଦ୍ଦେଶ ।" ଦଣ୍ଡିତ ବିଚାରପତି ମାନ୍ୟବର ସି ଏସ୍ କର୍ଣ୍ଣନ ଥିଲେ ମାଡ୍ରାସ ହାଇକୋର୍ଟର ପୂର୍ବତନ ବିଚାରପତି ଓ କଲିକତା ହାଇକୋର୍ଟର କାର୍ଯ୍ୟରତ ବିଚାରପତି । କର୍ଣ୍ଣନ ମହାଶୟଙ୍କ ବିରୋଧରେ ମୋଟାମୋଟି ଅଭିଯୋଗ ଥିଲା ଯେ ସେ ବିଚାରପତିମାନଙ୍କୁ ଅଯଥା ବଦନାମ କରୁଛନ୍ତି ଓ ଏହାକୁ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରସାରିତ କରୁଛନ୍ତି ।[୧୩] କର୍ଣ୍ଣନ ମହାଶୟ ନ୍ୟାୟପାଳିକା ବିରୋଧରେ ଭିତରୁ ଲଢ଼େଇକୁ ଏକ ଚରମ ସ୍ତରକୁ ନେଇଗଲେ ଯେତେବେଳେ ସେ କଲିକତା ହାଇକୋର୍ଟର କାର୍ଯ୍ୟରତ ବିଚାରପତି ଭାବେ, ତାଙ୍କ ବିରୁଦ୍ଧରେ କୋର୍ଟ ଅବମାନନା ମାମଲା ବିଚାର କରୁଥିବା ସୁପ୍ରିମକୋର୍ଟର ୭ ଜଣ ବିଚାରପତିଙ୍କୁ ପାଂଚବର୍ଷର କାରାଦଣ୍ଡ ଶୁଣାଇ ଦେଲେ[୧୩] । ଅପରପକ୍ଷରେ କର୍ଣ୍ଣନ ମହାଶୟ ସୁପ୍ରିମକୋର୍ଟ ଦ୍ୱାରା ଦିଆଯାଇଥିବା କାରଣ ଦର୍ଶାଅ ନୋଟିସର ଉ  ର ଦେଇ ଲେଖିଥିଲେ[୧୪], "(୧) ମୁଁ ନ୍ୟାୟପରାୟଣତା ଓ ଭାରତର ସାଧାରଣ ଜନତାର କଲ୍ୟାଣ ପାଇଁ ଲଢୁଛି । (୨) ଗତ କିଛି ବର୍ଷ ଧରି, ସୁପ୍ରିମକୋର୍ଟ ବ୍ୟତୀତ, ମୁଁ କାର୍ଯ୍ୟ କରୁଥିବା ହାଇକୋର୍ଟରେ ଉଚ୍ଚହାରରେ ହେଉଥିବା ଦୁର୍ନୀତି ସମ୍ପର୍କରେ ବାରମ୍ବାର କହି ଆସୁଅଛି । ମୁଁ ମୋର ଉଦ୍ୟମରୁ ବିରତ ହେବି ନାହିଁ ଏବଂ ଲଢ଼ିବା ଜାରି ରଖିବି ଯେତେବେଳ ଯାଏ ହେଉଥିବା ପ୍ରତିଟି ଅନ୍ୟାୟ ନିର୍ମୂଳ ହୋଇନାହିଁ ।" କର୍ଣ୍ଣନ ମହାଶୟ ପ୍ରଧାନମନ୍ତ୍ରୀଙ୍କୁ ଏକ ପତ୍ର (ତା ୩.୧.୨୦୧୭) ଜରିଆରେ ଲେଖିଥିଲେ[୧୫], "ମୋ ସ୍ଥିତି ଏପରି ଯେ ଏହା ମୋତେ ବାଧା ଦେଉଛି, ଏବଂ ମୁଁ ରାଷ୍ଟ୍ର ସମ୍ମୁଖରେ ନ୍ୟାୟପାଳିକା ସମ୍ପର୍କରେ ତଥ୍ୟ ଓ ତାହାର ଅବସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ପ୍ରଘଟ କରିପାରୁ ନାହିଁ କେବଳ ଏଇଥିପାଇଁ ଯେ ମୁଁ ବିଚାରପତି ବିରାଦରୀର (fraternity) ଭିତର ଲୋକ ଏବଂ ସବୁବେଳେ କୋର୍ଟର ମର୍ଯ୍ୟାଦା ଓ ପବିତ୍ରତାକୁ କାଏମ ରଖିବା ମୋର ପରମ କ ର୍ବ୍ୟ । କିନ୍ତୁ, ନ୍ୟାୟପାଳିକାକୁ ଅସାଧ୍ୟ କ୍ଷତି ପହଂଚାଉଥିବା କେତେକ ବିଚାରପତିମାନଙ୍କ ଦ୍ୱାରା ନିରନ୍ତର ସଂଘଟିତ ଅନିୟନ୍ତ୍ରିତ ଅନିୟମିତତା ଉପରେ ଲଗାମ ଲାଗିବା ନିହାତି ଆବଶ୍ୟକ । ମୁଁ ସର୍ବସାଧାରଣରେ କହି ପାରିବି ନାହିଁ କ'ଣ ସବୁ ଚାଲିଛି ମାଡ୍ରାସ ହାଇକୋର୍ଟରେ ଯାହା ଅଧୋଗତିର ସର୍ବନିମ୍ନ ସ୍ତରରେ ପହଂଚି ଯାଇଛି, ଓ ଦୁଃଖର ବିଷୟ ଯେ ଏହା ସର୍ବୋଚ୍ଚ ନ୍ୟାୟାଳୟର ସମର୍ଥନ ପାଉଛି ।" ଉଲ୍ଲେଖଯୋଗ୍ୟ ଯେ କର୍ଣ୍ଣନ ମହାଶୟଙ୍କୁ ଦଣ୍ଡାଦେଶ ଶୁଣାଇଥିବା ସୁପ୍ରିମକୋର୍ଟର ୭ଜଣ ବିଚାରପତିଙ୍କ ଖଣ୍ଡପୀଠରେ ସେହି ଚାରିଜଣ ବିଚାରପତି ମଧ୍ୟ ସାମିଲ ଥିଲେ ଯେଉଁମାନେ ଜାନୁଆରୀ ୧୨ତାରିଖ (୨୦୧୮) ଦିନ ଅଭୂତପୂର୍ବ ସାମ୍ବାଦିକ ସମ୍ମିଳନୀ ଆହ୍ୱାନ କରି ମୁଖ୍ୟ ବିଚାରପତିଙ୍କ ମକଦ୍ଦମା ଆବ ନରେ ପକ୍ଷପାତିତା ବିରୋଧରେ ଅଭିଯୋଗ କରିଥିଲେ । ଏହା ବୋଧହୁଏ ଏକ ବିଡ଼ମ୍ବନା ଯେ ମାନ୍ୟବର ବିଚାରପତି କର୍ଣ୍ଣନଙ୍କର ଏକ ଅଭିଯୋଗ ଥିଲା  ମାଡ୍ରାସ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଦ୍ୱାରା ମକଦ୍ଦମା ଆବ  ନରେ ତାଙ୍କୁ ଅଣଦେଖା କରାଯିବା ଓ ତାଙ୍କଠାରୁ ବିଚାର ପାଇଁ ଥିବା ମକଦ୍ଦମାକୁ କାଢ଼ି ନିଆଯିବା । ଏହି ଅଭିଯୋଗ ସମ୍ପର୍କରେ ମୁଖ୍ୟ

ବିଚାରପତି ମାନ୍ୟବର ଜେ ଏସ୍ କେହାର ତାଙ୍କ ରାୟରେ ଲେଖନ୍ତି[୧୬], "ଉପରୋକ୍ତ ପତ୍ରରୁ ଜଣାପଡ଼େ ତାଙ୍କର (*କର୍ଣ୍ଣନଙ୍କ*) ଅସନ୍ତୋଷ, ଯେ ଯେତେବେଳେ ତାଙ୍କୁ ମାଡ୍ରାସ ହାଇକୋର୍ଟର ମଦୁରାଇ ବେଂଚକୁ ଡେପୁଟେସନରେ ପଠାଯାଇଥିଲା ସେତେବେଳେ ତାଙ୍କୁ ସଠିକ ରୋଷ୍ଟର ଦିଆଯାଇ ନଥିଲା । ଏପରିକି ଯେତେବେଳେ ସେ ତିନି ମାସ ପରେ ମୁଖ୍ୟ ବେଂଚକୁ ଫେରିଲେ, ସେତେବେଳେ ମଧ୍ୟ ସେ ତାଙ୍କୁ ନ୍ୟସ୍ତ କରାଯାଇଥିବା ରୋଷ୍ଟରକୁ ନେଇ ଅସନ୍ତୁଷ୍ଟ ଥିଲେ । ଏହି ପତ୍ରରେ ସେ ମଧ୍ୟ ତାଙ୍କର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଯେତେବେଳେ ତାଙ୍କୁ ନ୍ୟସ୍ତ କରାଯାଇଥିବା ମାମଲାକୁ ମାଡ୍ରାସ ହାଇକୋର୍ଟର ମୁଖ୍ୟ ବିଚାରପତି ତାଙ୍କ ଠାରୁ କାଢି ନେଇ ଅନ୍ୟ ଏକ ବେଂଚ ଠାରେ ନ୍ୟସ୍ତ କରିଦେଲେ ।"

ଗୋଟିଏ ବେଂଚରୁ କାଢି ନେଇ ଆଉ ଏକ ବେଂଚକୁ ନ୍ୟସ୍ତ କରିଦେବା ହିଁ ଅସନ୍ତୋଷର ମୂଳ କାରଣ ଥିଲା ସାମ୍ବାଦିକ ସମ୍ମିଳନୀ ଡାକିଥିବା ଚାରିଜଣ ବିଚାରପତିଙ୍କର । ମୁଖ୍ୟ ବିଚାରପତିଙ୍କୁ ଲେଖିଥିବା ଯେଉଁ ଚିଠିଟି ଏହି ବିଚାରପତିମାନେ ସାମ୍ବାଦିକମାନଙ୍କ ମଧ୍ୟରେ ବାିଥିଲେ ତାହା ସମ୍ମିଳନୀର ପ୍ରାୟ ଦୁଇମାସ ପୂର୍ବରୁ ହିଁ ଲେଖା ଯାଇଥିଲା, ବୋଲି ଗଣମାଧ୍ୟମରେ ସମ୍ବାଦ[୧୭] । ଅର୍ଥାତ୍ ନଭେମ୍ବର ୧୨,୨୦୧୭ବେଳକୁ । ଏହାର ମାତ୍ର ଦୁଇ /ତିନଦିନ ପୂର୍ବରୁ ମେଡିକାଲ କଲେଜ ଦୁର୍ନୀତିର ଶୁଣାଣି ବରିଷ୍ଠ ବିଚାରପତିମାନଙ୍କୁ ନେଇ ଗଠିତ ଏକ ସାମ୍ବିଧାନିକ ବେଂଚ କରିବାର ମାନ୍ୟବର ଚେଲମେଶ୍ୱରଙ୍କ ନିର୍ଦ୍ଦେଶକୁ (୯ ନଭେମ୍ବର ୨୦୧୭) ରଦ୍ଦ କରି ଦେଇଥିଲେ (୧୦ ନଭେମ୍ବର ୨୦୧୭) ମୁଖ୍ୟ ବିଚାରପତି ମାନ୍ୟବର ଦୀପକ ମିଶ୍ର ସହସା ଗଠିତ ଏକ ସାମ୍ବିଧାନିକ ପୀଠର ଅଧ୍ୟକ୍ଷତା କରି, ଯେଉଁ ସାମ୍ବିଧାନିକ ପୀଠରେ ମୁଖ୍ୟ ବିଚାରପତିଙ୍କୁ ଛାଡି ବରିଷ୍ଠତା କ୍ରମରେ ଥିବା ପ୍ରଥମ ପାଂଚଜଣଙ୍କ ଭିତରୁ କାହାରିକୁ ସାମିଲ କରାଯାଇ ନଥିଲା[୧୮] । ୧୩ ନଭେମ୍ବର ୨୦୧୭ ଦିନ ଏହାର ଶୁଣାଣୀ ଯେଉଁ ତିନିଜଣ ଶୁଣାଣି କରିବା ପାଇଁ ଘୋଷଣା ବାହାରିଲା ସେମାନଙ୍କ ଭିତରେ ପାଂଚଜଣ ବରିଷ୍ଠ ବିଚାରପତିଙ୍କ ମଧ୍ୟରୁ କେହି ଜଣେ ହେଲେ ନ ଥିଲେ[୧୯]। କହିବା ବାହୁଲ୍ୟ ଯେ କର୍ଣ୍ଣନ ମହାଶୟଙ୍କ ଅସନ୍ତୋଷ ଓ ସୁପ୍ରିମକୋର୍ଟର ଚାରିଜଣ ବିଚାରପତିଙ୍କର ଅସନ୍ତୋଷର ଆଧାର ପ୍ରାୟ ଏକ ପ୍ରକାର ହିଁ ଥିଲା ।

ଆଉ ଏକ ଘଟଣା ଏହି ପ୍ରସଙ୍ଗରେ ଉଲ୍ଲେଖ କରାଯାଇପାରେ ଯେ ବିଚାରପତି କର୍ଣ୍ଣନଙ୍କୁ କୋର୍ଟ ଅବମାନନା ଦଣ୍ଡରେ ଦଣ୍ଡିତ କରିଥିବା ସାତ ଜଣ ବିଚାରପତି ବିଶିଷ୍ଟ ପୀଠର ନେତୃତ୍ୱ ନେଇଥିବା ତତ୍କାଳୀନ ମୁଖ୍ୟବିଚାରପତି ଜେ ଏସ କେହାର, ମଧ୍ୟ ଏକ ଅଭୂତପୂର୍ବ ଘଟଣାରେ ଏକଦା ସାମିଲ ହୋଇଥିଲେ, ଯେତେବେଳେ ସେ ପଂଜାବ-ହରିୟାନା ହାଇକୋର୍ଟର ବିଚାରପତିମାନଙ୍କ ସହ ମୁଖ୍ୟବିଚାରପତିଙ୍କ ଏକ ପଦକ୍ଷେପ ବିରୁଦ୍ଧରେ ପ୍ରତିବାଦ କରି ଏକ ଗଣ ଛୁଟିରେ ଯାଇଥିଲେ; ମୋଟ ୨୯ଜଣ ବିଚାରପତିଙ୍କ ମଧ୍ୟରୁ ୨୧ଜଣ ବିଚାରପତି ୧୯ ଏପ୍ରିଲ ୨୦୦୪ ଦିନ ଆକସ୍ମିକ ଛୁଟି ନେଇଥିଲେ[୨୦] । ପଦକ୍ଷେପଟି ଥିଲା ଯେ ମୁଖ୍ୟ ବିଚାରପତି ବିନୋଦ କୁମାର ରାୟ ଦୁଇ ଜଣ ବିଚାରପତିଙ୍କୁ ପତ୍ର ଲେଖି ସେମାନେ ଏକ କ୍ଲବର ସଦସ୍ୟତା ଗ୍ରହଣ କରିବା ଉପରେ ପ୍ରଶ୍ନ କରିଥିଲେ । କାରଣ, ଏହି କ୍ଲବଟି ବିରୋଧରେ ଏକ ଅନିୟମିତ ନିର୍ମାଣର ମାମଲା କୋର୍ଟର ବିଚାରାଧୀନ ଥିଲା । ଏହିଭଳି ଗଣ ଛୁଟି ଉପରେ ତତ୍କାଳୀନ ରାଷ୍ଟ୍ରପତି ଅବଦୁଲ କଲାମ ତାଙ୍କର ଉଦ୍‌ବେଗ ତତ୍କାଳୀନ ମୁଖ୍ୟବିଚାରପତି ମାନ୍ୟବର ଭି ଏନ୍ ଖରେଙ୍କୁ ଜଣାଇଥିଲେ । ପରିଣତିରେ ଆକସ୍ମିକ ଛୁଟିରେ ଯାଇଥିବା ବିଚାରପତିମାନେ ୨୦ ଏପ୍ରିଲ ଦିନ ଆସି ସେମାନଙ୍କର କାର୍ଯ୍ୟରେ ଯୋଗ ଦେଇଥିଲେ । ଗଣମାଧ୍ୟମରେ ପ୍ରକାଶିତ ସମ୍ବାଦ ଅନୁସାରେ ମାନ୍ୟବର ମୁଖ୍ୟବିଚାରପତି ଖରେ (୧୯ ଡିସେମ୍ବର ୨୦୦୨ ରୁ ୨ ମେ ୨୦୦୪), ଏହିଭଳି ଛୁଟିରେ ଯିବା ଧର୍ମଘଟ ବୋଲି କହି ଏପରି କରିବା ବିଚାରପତିମାନଙ୍କ କ୍ଷେତ୍ରରେ ସ୍ପୃହଣୀୟ ନୁହେଁ ବୋଲି ତାଗିଦ କରିଥିଲେ, ବିଶେଷତଃ ଯେତେବେଳେ ସେମାନଙ୍କର କୋର୍ଟ ଧର୍ମଘଟ ବିରୁଦ୍ଧରେ ନିତିଦିନ ରାୟ ଦେଉଛି[୨୧] । କିନ୍ତୁ ଏହି ଗଣ ଛୁଟିରେ ଅଂଶ ଗ୍ରହଣ କରିଥିବା ବିଚାରପତିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରି ସୁପ୍ରିମକୋର୍ଟରେ ଦାଏର ହୋଇଥିବା ଏକ ଜନ ସ୍ୱାର୍ଥ ମାମଲାକୁ ଖାରିଜ କରି ଦେଇଥିଲେ ମୁଖ୍ୟ ବିଚାରପତି ଆର ସି ଲାହୋଟି (୧ ଜୁନ ୨୦୦୪ ରୁ ୩୧ଅକ୍ଟୋବର ୨୦୦୫) ଏବଂ ବିଚାରପତି ଜି ପି ମାଥୁରଙ୍କ ଖଣ୍ଡପୀଠ । ଏହି ଜନସ୍ୱାର୍ଥ ମାମଲା (Public Interest Litigation) କୁ ପ୍ରଚାର ସ୍ୱାର୍ଥ ମାମଲା (Publicity Interest Litigation) ବୋଲି ଅଭିହିତ କରି ଆବେଦନକାରୀଙ୍କୁ ବିଚାରପତିଦ୍ୱୟ ପ୍ରଶ୍ନ କରିଥିଲେ ଯେ ଗଣମାଧ୍ୟମରେ ପ୍ରକାଶିତ ସମ୍ବାଦ ବ୍ୟତିରେକେ କୌଣସି ସ୍ୱାଧୀନ ସୂତ୍ରରୁ ସେ ଜାଣିଛନ୍ତି କି ବିଚାରପତିମାନେ ଗଣ ଛୁଟିରେ ଯାଇଥିଲେ ? ପ୍ରଶ୍ନ ମଧ୍ୟ କରିଥିଲେ ଆବେଦନକାରୀଙ୍କର ଉଦ୍ଦେଶ୍ୟ ଉପରେ[୨୨] ।

ବିଚାରପତି କର୍ଣ୍ଣନଙ୍କୁ କୋର୍ଟ ଅବମାନନା ଅପରାଧରେ ଦଣ୍ଡିତ କରି ଦିଆଯାଇଥିବା ରାୟରେ (୯/୫/୨୦୧୭) 'ବରଦାକାନ୍ତ ମିଶ୍ର ବନାମ ରେଜିଷ୍ଟ୍ରାର, ଓଡିଶା ହାଇକୋର୍ଟ'ର ଉଲ୍ଲେଖ ଛତ୍ରେ ଛତ୍ରେ ହୋଇଥିବା ଦେଖାଯାଏ । ବିଚାରପତି କର୍ଣ୍ଣନ ଏହିଭଳି ଦଣ୍ଡିତ ହେବାର

ପ୍ରାୟ ପଂଇଚାଳିଶ ବର୍ଷ ପୂର୍ବେ (୫/୨/୧୯୭୩)ଓଡିଶା  ଜୁଡିସିଆଲ ସର୍ଭିସେସ୍‌ର ସଦସ୍ୟ ଜିଲ୍ଲା ଜଜ୍‌ପାହ୍ୟାର ବିଚାରପତି ବରଦାକାନ୍ତ ମିଶ୍ର କୋର୍ଟ ଅବମାନନା ଦୋଷରେ ଓଡ଼ିଶା ହାଇକୋର୍ଟ ଦ୍ୱାରା ଦଣ୍ଡିତ ହୋଇଥିଲେ, ଯାହାକୁ କୋହଳ କରିଥିଲେ ମାନ୍ୟବର ସୁପ୍ରିମକୋର୍ଟ, ଜେଲ ଦଣ୍ଡ ପରିବର୍ତ୍ତେ ୧୦୦୦ ଟଙ୍କାର ଜରିମାନା ଦଣ୍ଡ ଦେଇଥିଲେ, ଅନାଦେୟେ ତିନିମାସ କାରଦଣ୍ଡ ଶୁଣାଇଥିଲେ,  ଏହା କହି ଯେ[୨୩] "A heavy hand is wasted severity where a lighter sentence may serve as well. A fine of Rs. 1000/- with three months' imprisonment in default of payment will meet the ends of justice and we impose this sentence in substitution of the infliction of imprisonment by the High Court" । କିନ୍ତୁ ଉଲ୍ଲେଖଯୋଗ୍ୟ ଯେ ହାଇକୋର୍ଟ ଦ୍ୱାରା ଦଣ୍ଡ ଶୁଣାଣି ସରୁ ସରୁ , ବରଦାକାନ୍ତ ମିଶ୍ର ମହୋଦୟ ଓଡିଶା ହାଇକୋର୍ଟର ତତ୍କାଳୀନ ମୁଖ୍ୟ ବିଚାରପତି ମାନ୍ୟବର ଗତିକୃଷ୍ଣ ମିଶ୍ର ଓ ଅନ୍ୟ ବିଚାରପତିମାନଙ୍କ ବିରୋଧରେ ("Against Hon'ble Justice Sri Gati Krushna Misra, Chief Jutice of the Orissa High Court (referred to in this application, as the opposite party) and other Hon'ble Judge/Judges of the said Court--All in their personal character.) କୋର୍ଟ ଅବମାନନା ଅଭିଯୋଗ ଆଣିଥିଲେ ଯାହା ଅବଶ୍ୟ ଓଡିଶା ହାଇକୋର୍ଟରେ ଖାରିଜ ହୋଇଯାଇଥିଲା[୨୪] ଓ ଏହି ଖାରିଜ ଆଦେଶ ବିରୁଦ୍ଧରେ ସୁପ୍ରିମକୋର୍ଟରେ ବରଦାକାନ୍ତ ବାବୁଙ୍କର ଅପିଲ ମଧ୍ୟ ଖାରିଜ ହୋଇ ଯାଇଥିଲା[୨୫]।

## *ଉପସଂହାର*

ବରଦାକାନ୍ତ ମିଶ୍ର ବନାମ ରେଜିଷ୍ଟ୍ରାର, ଓଡିଶା ହାଇକୋର୍ଟ ମାମଲାରେ ପ୍ରକାଶିତ ରାୟରେ ମାନ୍ୟବର ବିଚାରପତି କ୍ରିଷ୍ଣା ଆୟାର ତାଙ୍କର ମନ୍ତବ୍ୟ ଦରଜ କରି ଲେଖିଥିଲେ[୨୩], "ଆଇନର ଦର୍ଶନରେ ଏହିଭଳି ପରିବର୍ତ୍ତନ ନାଗରିକର ସମାଲୋଚନା କରିବାର ଅଧିକାରର ଭିତ୍ତିକୁ ବିସ୍ତାରିତ କରିବ ଏବଂ ନ୍ୟାୟିକ କ୍ଷମତାକୁ ଅଧିକ ସାମାଜିକ ଦୃଷ୍ଟିରୁ ଯଥାର୍ଥ କରାଇବ । ଆମେ କୌଣସି ରାଜାର ପ୍ରଜା ନୋହୁଁ । ଆମେ ଏକ ସାଧାରଣତନ୍ତ୍ର ରାଷ୍ଟ୍ରର ନାଗରିକ । ଅବମାନନା ଦଣ୍ଡର କ୍ଷମତା ଜରିଆରେ ବ୍ୟାପକ ନିଷେଧାଜ୍ଞା ଜାରି କରି ନ୍ୟାୟପ୍ରଦାନ ପ୍ରକ୍ରିୟାରେ ଥିବା  ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଗୁଡିକର ସମାଲୋଚନାକୁ ଦବାଇ ଦେବା, ନ୍ୟାୟିକ ପ୍ରକ୍ରିୟାର ସୁଧାର ପାଇଁ ଯୁକ୍ତି କରିବାର ଅଧିକାରକୁ ଏବଂ ନ୍ୟାୟପାଳିକାର  କର୍ମଚାରୀଙ୍କର କାର୍ଯ୍ୟ ଦକ୍ଷତା ଉପରେ ଖୋଲା ଖୋଲି ବା  ଆଇନ ଓ ନ୍ୟାୟ ବ୍ୟବସ୍ଥାର ମାଧ୍ୟମ ଗୁଡିକୁ ସାମାନ୍ୟ ଭାବେ ଅଧିକ ସମାଲୋଚନା କରି,  କିଛି  ମନ୍ତବ୍ୟ କରିବାକୁ ନିଷେଧ କରିବା,  ବେଶ କଠିନ ହୋଇପାରେ । କାରଣ ବାକ୍ ସ୍ୱାଧୀନତା ଆମ ଗଣତନ୍ତ୍ରର ମୂଳ ଏବଂ ସମାଲୋଚନା ଜରିଆରେ ଆସୁଥିବା ପରିବର୍ତ୍ତନକୁ ବାଧା ଦେବା ଅର୍ଥ ଗଣତାନ୍ତ୍ରିକ ସରକାରର ଅଂଗଗୁଡିକୁ ପଥର କରିଦେବା । ନ୍ୟାୟ ବ୍ୟବସ୍ଥା ଏହାର ବ୍ୟତିକ୍ରମ ନୁହେଁ । " ଏହି ଉକ୍ତିର ପୃଷ୍ଠଭୂମିରେ ସେ ଉଦ୍ଧାର କରିଥିଲେ ମାର୍କିନ ବିଚାରପତି Wilmot,C.J  ଙ୍କର ଉକ୍ତି -"ଏହି ଦେଶରେ ସବୁ କୋର୍ଟ ତାଙ୍କର ପ୍ରଭୁତ୍ୱ ଜନତାଙ୍କ ଠାରୁ ହିଁ ପାଇଥାନ୍ତି, ଏବଂ ଏହାକୁ ଧରି ରଖନ୍ତି ସେମାନଙ୍କର (*ଜନତାଙ୍କର*) ସୁରକ୍ଷା ଓ ସୁବିଧା ପାଇଁ । ସବୁ ବିଚାରପତି ଜନତା ଦ୍ୱାରା ହିଁ ନିର୍ବାଚିତ ହୋଇଛନ୍ତି, ସେମାନଙ୍କର ପ୍ରଭୁତ୍ୱ ସିଧାସଳଖ ଜନତା ପାଖରୁ ହିଁ ଆସିଥାଏ, ଯେଉଁ କ୍ଷମତା ସେମାନେ ପ୍ରୟୋଗ କରନ୍ତି ତାହା କେବଳ ଜନତାର ପ୍ରଭୁତ୍ୱ ଅଟେ, ଯାହା ସେମାନେ କୋର୍ଟ ଜରିଆରେ ଜନତାର ଏଜେଣ୍ଟ ଭାବେ ହିଁ ପ୍ରୟୋଗ କରୁଛନ୍ତି । ଏହା ଜନତା ମଧ୍ୟରୁ ଉଦ୍‌ଭବ ହେଉଥିବା ଆଇନ ଓ ପ୍ରଭୁତ୍ୱ ଯାହାର ପ୍ରୟୋଗ ଓ ପ୍ରବର୍ତ୍ତନ ପାଇଁ ହିଁ ବିଚାରପତିମାନେ ଅଛନ୍ତି । ଏହି କୋର୍ଟଗୁଡିକ ବିରୋଧରେ ଅବମାନନା, ଆଇନ ପ୍ରଦାନ ପ୍ରକ୍ରିୟାର ଅବମାନନା, ପ୍ରକୃତରେ ଜନତାର ପ୍ରଭୁତ୍ୱର ଅପମାନ, ଆଇନର ସେହି ବିନୀତ ଏଜେଣ୍ଟମାନଙ୍କର ନୁହେଁ, ଯେଉଁମାନଙ୍କୁ ଜନତା ନିଯୁକ୍ତି ଦେଇଛି ସେମାନଙ୍କର ସରକାର ଚଳାଇବାକୁ ।" ଉପରୋକ୍ତ ଦୁଇଟି ଉକ୍ତିରୁ ସ୍ପଷ୍ଟ ଯେ ଗଣତନ୍ତ୍ରରେ ସମାଲୋଚନାର ଅଧିକାରକୁ ଦବାଇ ଦିଆଯାଇ ପାରେନା, ତାହା ଅନୁଷ୍ଠାନ ଭିତରୁ ଆସୁ ବା ବାହାରୁ ଆସୁ, ଓ ଜନତା ହିଁ ସବୁରି ଉର୍ଦ୍ଧ୍ୱରେ- ତାହା ସାମନାରେ ସବୁ କଥା ରଖାଯାଇପାରେ । ଅବମାନନା ଦଣ୍ଡର ଭୟ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ । ଯେଉଁମାନେ ଭିତରୁ ରହି ଭିତରର ଅପସଂସ୍କୃତି ବିଷୟରେ ସମାଜକୁ ଅବଗତ କରାଉଛନ୍ତି, ସେମାନେ ଅନୁଷ୍ଠାନର ମଙ୍ଗଳ କରୁଛନ୍ତି । ସେମାନଙ୍କ ପ୍ରତି ସମାଜ କୃତଜ୍ଞ ରହିବା ଉଚିତ । ଏହି ବ୍ୟକ୍ତିମାନଙ୍କୁ ବିରୋଧ କରିବା ଅର୍ଥ ଜନତାକୁ ଅବମାନନା କରିବା ଯେଉଁ ଜନତା ଗଣତନ୍ତ୍ରରେ ସବୁ ପ୍ରଭୁତ୍ୱର ଉତ୍ସ ।

### *ବ୍ୟବହୃତ ଉପାଦାନ ସୂଚୀ*

୧.Over 88 per cent rise in pending cases in Supreme Court since inception in 1950 - Times of India https://timesofindia.indiatimes.com/india/over-88-per-cent-rise-in-pending-cases-in-supreme-cou...1 of 2 1/28/2018 8:5..

୨.77% of Indians believe judiciary is corrupt: TI survey | News | Governance http://infochangeindia.org/governance/news/77-of-indians-believe-judiciary-is-corrupt-ti-survey

୩.ACB arrests AP judge accused of giving bail for bribe http://www.firstpost.com/printpage.php?idno=348735&sr_no=0 ; Two more A.P. judges arrested in cash-for-bail scam - The Hindu http://www.thehindu.com/news/national/andhra-pradesh/two-more-ap-judges-arrested-in-cashfo

୪.Rebels with a cause list: 4 Supreme Court judges pick flaws in CJI's working , The Telegraph, Jan 12, 2018, https://www.telegraphindia.com/india/rebellion-in-supreme-court-4-judges-pick-flaws-in-cjias-working-dgtl-200620

୫.https://www.telegraphindia.com/india/want-nation-to-know-we-haven-t-sold-our-souls-200838

୬.CJI is the first among equals ,By Express News Service | 13th January 2018.,http://www.newindianexpress.com/opinions/2018/jan/13/cji-is-the-first-among-equals-1752447

୭.http://indianexpress.com/article/india/supreme-court-judges-press-conference-reputation-of-judiciary-has-been-affected-says-ex-sc-j.

୮.http://www.firstpost.com/india/all-four-should-be-impeached-ex-judge-lashes-out-at-supreme-court-justices-who-held-press.

୯.The wages of silencing critics with contempt http://www.thehoot.org/free-speech/censorship/but-the-same-judges-silenced-past-critics-with-c; Mid-Day vindicated by Supreme Court ruling http://www.thehoot.org/free-speech/judgements/mid-day-vindicated-by-supreme-court-ruling-

୧୦.Supreme Court refuses to take note of lawyer's pleaon judges' presser - The Economic Times https://economictimes.indiatimes.com/news/politics-and-nation/supreme-court-refuses-to-take-no.1 of 3 2/3/2018 3:54

୧୧.IN THE SUPREME COURT OF INDIA ,ORIGINAL JURISDICTION ,SUO MOTU CONTEMPT PETITION(C) NO.1/2017, O R D E R , paragraph 2. p.77

୧୨. IN THE SUPREME COURT OF INDIA ,ORIGINAL JURISDICTION ,SUO MOTU CONTEMPT PETITION(C) NO.1/2017, O R D E R , paragraph 5. p.78

୧୩.IN THE SUPREME COURT OF INDIA ,ORIGINAL JURISDICTION ,SUO MOTU CONTEMPT PETITION(C) NO.1/2017, J U D G M E N T , paragraph 35. p.48

୧୪..IN THE SUPREME COURT OF INDIA ,ORIGINAL JURISDICTION ,SUO MOTU CONTEMPT PETITION(C) NO.1/2017, J U D G M E N T , paragraph 20. p.26

୧୫..IN THE SUPREME COURT OF INDIA ,ORIGINAL JURISDICTION ,SUO MOTU CONTEMPT PETITION(C) NO.1/2017, J U D G M E N T , paragraph 29. p.41-42

୧୬..IN THE SUPREME COURT OF INDIA ,ORIGINAL JURISDICTION ,SUO MOTU CONTEMPT PETITION(C) NO.1/2017, J U D G M E N T , paragraph 4. p.3

୧୭.'Chief Justice is only the first amongst equals', Jan 13, 2018 ,https://www.telegraphindia.com/india/chief-justice-is-only-the-first-amongst-equals-200833

୧୮.A Sad Moment in India's Judicial History ,Shanti Bhusan, The Wire , 12/11/2017 ,https://thewire.in/196432/sad-moment-indias-judicial-history

୧୯.Judges bribery scandal: 3-judge SC bench to hear plea today , Nov 13, 2017 ,https://www.deccanchronicle.com/nation/current-affairs/131117/judges-bribery-scandal-3-judge-sc-bench-to-hear-plea-today.html

୧୦.An unprecedented act, The Frontline, May 08-21, 2004, http://www.frontline.in/static/html/fl2110/stories/20040521005111800.htm; Judges clash with chief justice, go on mass leave ,The Telegraph,April 20, 2004,https://www.telegraphindia.com/1040420/asp/nation/story_3148492.asp,1 of 2 2/13/2018 10:45 PM

୧୨.Judges' strike: SC issues notice to Punjab HC ,April 27,2004 ,https://timesofindia.indiatimes.com/india/Judges-strike-SC-issues-notice-to-Punjab-HC/articleshow/641176.cms

୧୧.SC dismisses petition against Punjab and Haryana HC judges, Jul 26, 2004 ,http://zeenews.india.com/home/sc-dismisses-petition-against-punjab-and-haryana-hc-judges_170063.html

୧୩.Baradakanta Mishra vs The Registrar Of Orissa High Court ... on 19 November, 1973 ,1974 AIR 710, 1974 SCR (2) 282

୧୪.B.K. Misra vs Chief Justice, Orissa H.C. on 13 February, 1973 , AIR 1974 Ori 1

୧୫.Baradakanta Mishra vs Mr. Justice Gatikrushna Mishra on 21 June, 1974 , 1974 AIR 2255, 1975 SCR (1) 524